ସିନ୍ଧୁ ଏବଂ ଅନ୍ୟମାନେ

ବନାମ

କର୍ଣ୍ଣାଟକ ରାଜ୍ୟ

(ଫୌଜଦାରୀ ଆବେଦନ ସଂଖ୍ୟା 264/2003)

6 ମେ, 2009

**[ଡ. ଅରିଜିତ ପଶାୟତ ଏବଂ ଅଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତିଦ୍ୱୟ]**

*ଦଣ୍ଡ ସଂହିତା, 1860 - ଧାରା 34 ସହିତ ଧାରା 498 ଏବଂ 306 - ଅଧୀନରେ ମକଦ୍ଦମା - ପାଞ୍ଚ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ - ବିଚାରଣ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତି, ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ - ମୃତ୍ୟୁ କାରଣରୁ ଜଣେ ଅଭିଯୁକ୍ତଙ୍କ ବିରୋଧରେ ଆବେଦନ ସମାପ୍ତି – ଅଭିଯୁକ୍ତ ସ୍ୱାମୀଙ୍କ ଦ୍ୱାରା ଏସଏଲପି ଦାୟର – ଖାରଜ - ତିନି ଅଭିଯୁକ୍ତଙ୍କ ଆବେଦନ ଉପରେ, ନିର୍ଣ୍ଣୟ ହେଲା: ଆବେଦନକାରୀ-ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ଦର୍ଶାଇବା ପାଇଁ କୌଣସି ତଥ୍ୟର ଅନୁପସ୍ଥିତିରେ, ସେମାନଙ୍କର ଦଣ୍ଡବିଧାନକୁ କାଏମ ରଖାଯାଇପାରିବ ନାହିଁ- ଦୋଷ ମୁକ୍ତି ଆଦେଶ ପ୍ରଦାନ କରାଗଲା ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 264/2003 ।

Crl.A. ସଂଖ୍ୟା 348/1997ରେ ବାଙ୍ଗାଲୋରସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର 29.07.2002 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ତରଫରୁ ଜି.ଭି. ଚନ୍ଦ୍ରଶେଖର, ଏନ୍.କେ. ବର୍ମା ଏବଂ ପି.ପି. ସିଂହ ।

ଉତ୍ତରଦାତାଙ୍କ ପାଇଁ ଅନିଲ କେ. ମିଶ୍ର, ସଞ୍ଜୟ ଆର. ହେଗଡେ ଏବଂ ଏ. ରୋହନ ସିଂହ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ ପଶାୟତଙ୍କ** ଦ୍ୱାରା । 1.ଶୁଣିଲୁ ।

2. ଏହି ଆବେଦନରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ଜଣେ ମାନ୍ୟବର ଏକକ ନ୍ୟାୟମୂର୍ତ୍ତିଙ୍କ ରାୟକୁ ଆପତ୍ତି କରାଯାଇଛି, ଯେଉଁଥିରେ ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'ଆଇପିସି') ର ଧାରା 34 ସହିତ ଧାରା 498- A ଏବଂ 306 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଆବେଦନକାରୀଙ୍କ ଦୋଷୀ ସାବ୍ୟସ୍ତକୁ କାଏମ ରଖାଯାଇଛି । ବିଜାପୁରର ବିଦ୍ୱାନ ପ୍ରଧାନ ଦୌରା

ବିଚାରପତି ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ । A-1 ହେଉଛନ୍ତି ଶାରଦା (ଏହା ପରେ ମୃତ ଭାବରେ ସୂଚିତ)ଙ୍କ ଶ୍ୱଶୁର, A-2 ହେଉଛନ୍ତି ଶାରଦାଙ୍କ ଶାଶୁ, A-3 ହେଉଛନ୍ତି ଶାରଦାଙ୍କ ସ୍ୱାମୀ, A-4 ହେଉଛନ୍ତି ଶାରଦାଙ୍କ ଦିଅର ଏବଂ A-5 ହେଉଛନ୍ତି ଶାରଦାଙ୍କ ନଣନ୍ଦ ।

3. ଏହା ଅଭିଯୋଗ ପକ୍ଷର କଥନ ଥିଲା ଯେ ନିଷ୍ଠୁରତା ହେତୁ ମୃତକ କୂଅ ଭିତରକୁ ଡେଇଁ ଆତ୍ମହତ୍ୟା କରିଥିଲେ । ନଥିରେ ଥିବା ପ୍ରମାଣକୁ ବିଚାର କରି ବିଚାରଣ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଅଭିଯୋଗ ସ୍ଥାପିତ ହୋଇନାହିଁ । ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ ସଂହିତା) ର ଧାରା 378 (1) ଏବଂ (3) ଅନୁଯାୟୀ ରାଜ୍ୟ ଦ୍ୱାରା ଏକ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ବିଚାରଣ ନ୍ୟାୟାଳୟର ଆକ୍ଷେପିତ ରାୟକୁ ବାତିଲ କରି ଆଇପିସିର ଧାରା 34 ସହିତ ଧାରା 498-A ଏବଂ 376 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ ।

4. ଉଚ୍ଚ ନ୍ୟାୟାଳୟରେ ଆବେଦନ ବିଚାରାଧୀନ ଥିବା ସମୟରେ A-1 ଙ୍କ ମୃତ୍ୟୁ ଘଟିଥିଲା । A-2, A-3, A-4 ଏବଂ A-5 କୁ ଦୋଷୀ ସାବ୍ୟସ୍ତ କରି ବିଚାରଣ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଦଣ୍ଡାଦେଶର ରାୟକୁ ସମର୍ଥନ କରି ଉଚ୍ଚ ନ୍ୟାୟାଳୟ ଏହି ରାୟ ପାରିତ କରିଥିଲେ । ଉକ୍ତ ରାୟର ସଠିକତା ଉପରେ ପ୍ରଶ୍ନ ଉଠାଇ ସେମାନେ ଏହି ଆବେଦନ ଦାଖଲ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଯଦିଓ A-3 ବିଶେଷ ଅନୁମତି ଆବେଦନ ଦାଖଲ କରିଥିଲେ, କିନ୍ତୁ ତାହା ଖାରଜ ହୋଇଯାଇଥିଲା ।

5. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ A-2, A-4 ଏବଂ A-5 ଙ୍କର କୌଣସି ସମ୍ପୃକ୍ତିକୁ ଦର୍ଶାଇବା ପାଇଁ କୌଣସି ତଥ୍ୟ ନାହିଁ ।

6. ଅନ୍ୟପକ୍ଷରେ, ଉତ୍ତରଦାତାଙ୍କ ବିଜ୍ଞ ଓକିଲ ଏହି ଆକ୍ଷେପିତ ରାୟକୁ ସମର୍ଥନ କରି କହିଛନ୍ତି ଯେ ବିଚାରଣ ନ୍ୟାୟାଳୟ ପ୍ରମାଣକୁ ବିଶ୍ଳେଷଣ କରିନଥିଲେ ଏବଂ ସେଥିପାଇଁ ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିଥିଲେ ।

7. ଏହା ଧ୍ୟାନ ଦେବା ଆବଶ୍ୟକ ଯେ ଆବେଦନକାରୀଙ୍କୁ ଆରୋପିତ ଅପରାଧ ସହିତ ଯୋଡ଼ିବାର କୌଣସି ତଥ୍ୟ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଉଲ୍ଲେଖ କରାଯାଇ ନାହିଁ । ଅଭିଯୋଗ ପକ୍ଷ ନିଜର ମାମଲାକୁ ପ୍ରମାଣ କରିବାରେ ବିଫଳ ହୋଇଛନ୍ତି ବୋଲି ଉପସଂହାରକୁ ଆସିବା ପାଇଁ ବିଚାରଣ ନ୍ୟାୟାଳୟ ବିସ୍ତୃତ ଭାବରେ ପ୍ରମାଣକୁ ଉଲ୍ଲେଖ କରିଥିଲେ ।

8. ଉଚ୍ଚ ନ୍ୟାୟାଳୟ ଏବଂ ବିଚାରଣ ନ୍ୟାୟାଳୟର ରାୟକୁ ଅନୁଧ୍ୟାନ କରିବା ପରେ ଜଣାପଡ଼େ ଯେ ଉଚ୍ଚ ନ୍ୟାୟାଳୟ ଏପରି କୌଣସି ପରିସ୍ଥିତି ବିଷୟରେ ଉଲ୍ଲେଖ କରିନଥିଲେ ଯାହା ଅଭିଯୁକ୍ତକୁ ଆରୋପିତ ଅପରାଧ ସହିତ ବର୍ତ୍ତମାନର ଆବେଦନକାରୀଙ୍କ ସମ୍ପର୍କ ସ୍ଥାପନ କରିବ । ବାସ୍ତବରେ, A-3 - ସ୍ୱାମୀ ତାଙ୍କ ଉପରେ ଲାଗୁ ହୋଇଥିବା ଦଣ୍ଡ ଭୋଗିଛନ୍ତି ଏବଂ ଏକ ଘଟଣାରେ ସ୍ୱାମୀଙ୍କ ବାବଦରେ ବିଶେଷ ଅନୁମତି ଆବେଦନ ଖାରଜ ହୋଇଥିଲା ।

9. ନଥିରେ ଥିବା କୌଣସି ତଥ୍ୟର ଅନୁପସ୍ଥିତିରେ ଯାହା ଅଭିଯୁକ୍ତଙ୍କ ଅପରାଧକୁ ପ୍ରମାଣିତ କରିବ ଏବଂ ଆବେଦନକାରୀଙ୍କ ସମ୍ପୃକ୍ତିକୁ ଦର୍ଶାଇବା ପାଇଁ କୌଣସି ତଥ୍ୟର ଅନୁପସ୍ଥିତିରେ, ସେମାନଙ୍କର ଦଣ୍ଡବିଧାନକୁ କାଏମ ରଖାଯାଇପାରିବ ନାହିଁ ଏବଂ ଆକ୍ଷେପିତ ରାୟକୁ ବାତିଲ କରାଯାଇଛି ଏବଂ ସେମାନଙ୍କୁ ଦୋଷ ମୁକ୍ତ କରାଯାଇଛି । 24-02-2003 ତାରିଖର ଜାମିନ ଆଦେଶ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକାରୀ ହୋଇଥିବା ଜାମିନ ମୁଚାଲିକା ଗୁଡ଼ିକ ରଦ୍ଦ ହୋଇଯିବ ।

ତଦନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି ।

କେ.କେ.ଟି. ଆବେଦନକୁ ଅନୁମତି ପ୍ରଦାନ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।